ପରେସ ନାଥ ଠାକୁର

ବନାମ

ଶ୍ରୀମତୀ ମୋହନୀ ଦାସୀ ଏବଂ ଅନ୍ୟମାନେ

(ବି. ପି. ସିହ୍ନା, ପି. ବି. ଗଜେନ୍ଦ୍ରଗଡକର ଏବଂ କେ. ଏନ୍. ୱାଞ୍ଚୋ, ନ୍ୟାୟମୂର୍ତ୍ତିଗଣ )

*ନିଷ୍ପାଦନ - ନିର୍ବାହୀ ନ୍ୟାୟାଳୟଙ୍କ ଦ୍ୱାରା ବଜାୟ ରଖାଯାଇଥିବା ନ୍ୟାସ ଦଲିଲ ଉପରେ ଆଧାର କରି ଦେବାଦେବୀଙ୍କର ଦାବି – ଡିକ୍ରିଧାରକଙ୍କ ଦ୍ୱାରା ମକଦ୍ଦମା - ଦଲିଲ, ଯଦି ସ୍ୱଭାବରେ ଜାଲ - ପ୍ରମାଣ ଦାୟିତ୍ୱ - ତଥ୍ୟର ସମବର୍ତ୍ତୀ ଫଳାଫଳ - ଦ୍ୱିତୀୟ ଆବେଦନରେ ଉଚ୍ଚ ନ୍ୟାୟାଳୟର କ୍ଷମତା - ଦେୱାନୀ କାର୍ଯ୍ୟବିଧି ସଂହିତା, ଆଦେଶ 21., ନିୟମ 60, 63 ।*

ଉତ୍ତରଦାତାମାନେ ବାଦୀ ଭାବରେ ଆବେଦନକାରୀ ଦେବାଦେବୀଙ୍କ ସପକ୍ଷରେ ନିଷ୍ପାଦିତ ନ୍ୟାସ ଦଲିଲ ଏକ ନକଲି ତଥା କାଳ୍ପନିକ ଦଲିଲ ଥିଲା ଏବଂ ସେମାନଙ୍କର ଡିକ୍ରିର କାର୍ଯ୍ୟସମ୍ପାଦନରେ ଏଥିରେ ଅନ୍ତର୍ଭୁକ୍ତ ସମ୍ପତ୍ତି ବିକ୍ରି ହେବା ଆଇନ ଅନୁଯାୟୀ ବାଧିତ ବୋଲି ଏକ ଘୋଷଣା ପାଇଁ ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ 21 ର, ନିୟମ 63 ର ବ୍ୟବସ୍ଥା ଅଧୀନରେ, ଏକ ମକଦ୍ଦମା ଆଣିଥିଲେ, ଯେଉଁଥିରୁ, ବର୍ତ୍ତମାନର ଆବେଦନଟିର ଉତ୍ପତ୍ତି ହୋଇଛି । ନିମ୍ନ ଅଦାଲତମାନେ ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ କିନ୍ତୁ ଉଚ୍ଚ ନ୍ୟାୟାଳୟ, ଦେବାଦେବୀଙ୍କ ଉପରେ ନିଜ ସ୍ୱତ୍ୱର ପ୍ରମାଣ ଦାୟିତ୍ୱ ଅପସ୍ଥାପିତ କରିଦେଇ, ନିମ୍ନ ନ୍ୟାୟାଳୟମାନଙ୍କର ସମବର୍ତ୍ତୀ ଫଳାଫଳକୁ ରଦ୍ଦ କରି ଉତ୍ତରଦାତାମାନଙ୍କ ସପକ୍ଷରେ ମକଦ୍ଦମାର ଡିକ୍ରି ଦେଇଥିଲେ ।

*କୁହାଗଲା*, ଯେ ଏକ ନ୍ୟାସ ଦଲିଲ ଏକ କାଳ୍ପନିକ ଦଲିଲ ଅଟେ କି ନାହିଁ ପ୍ରଶ୍ନଟି ଏକ ଅତ୍ୟାବଶ୍ୟକ ତଥ୍ୟଗତ ପ୍ରଶ୍ନ ଥିଲା ।

*ମୀନାକ୍ଷୀ ମିଲ୍ସ, ମଦୁରାଇ ବନାମ ଆୟକର ଆୟୁକ୍ତ, ମାଡ୍ରାସ, [1956] ଏସ୍. ସି. ଆର୍. 691,* ଉଲ୍ଲେଖିତ କରାଯାଇଛି ।

ପ୍ରିଭି କାଉନସିଲ୍ ଏବଂ ଏହି ନ୍ୟାୟାଳୟର ନିଷ୍ପତ୍ତିଗୁଡିକର ଏକ ସୁଦୀର୍ଘ କାର୍ଯ୍ୟାବଳୀ ଦ୍ୱାରା ଏହା ଉତ୍ତମରୂପେ ସ୍ଥିର ହୋଇଥିଲା ଯେ ଉଚ୍ଚ ନ୍ୟାୟାଳୟ, ଦ୍ୱିତୀୟ ଆବେଦନଟିରେ, ନିମ୍ନ ନ୍ୟାୟାଳୟଗୁଡିକ ଉପନୀତ ହୋଇଥିବା ତଥ୍ୟର ଫଳାଫଳରେ, ସେଗୁଡିକ ଯେତେ ତ୍ରୁଟିପୂର୍ଣ୍ଣ ହୋଇଥା'ନ୍ତୁ, ହସ୍ତକ୍ଷେପ କରିପାରିବେ ନାହିଁ ।

ଏପରିକି ତଥ୍ୟର ଫଳାଫଳକୁ ଅନୁଧାବନ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ମୁକ୍ତ ଥିଲା ଧରିନେଇ, ଏହା ସୁସ୍ପଷ୍ଟ ଥିଲା ଯେ ପ୍ରମାଣ ଦାୟିତ୍ୱର ପ୍ରଶ୍ନ ଉପରେ ଏହା ନିଜକୁ ସମ୍ପୂର୍ଣ୍ଣଭାବେ ଭୁଲ୍ ଦିଗରେ ନିର୍ଦ୍ଦେଶିତ କରିଛି । କୌଣସି ମକଦ୍ଦମାରେ, ଯେପରିକି କି ବର୍ତ୍ତମାନର ମକଦ୍ଦମା, ଯେଉଁଠାରେ ସତ୍ୟନିଷ୍ଠ ଭାବେ ନିଷ୍ପାଦିତ ଏବଂ ପଞ୍ଜୀକୃତ ହୋଇଥିବା ଏକ ଦଲିଲଟି କାଳ୍ପନିକ ଥିଲା ବୋଲି ଅଭିଯୋକ୍ତା ଏକ ଘୋଷଣା ଲୋଡ଼ିଥିଲେ, ଏହା ସେ'ପରି ବୋଲି ପ୍ରମାଣ କରିବା

ପାଇଁ ତାଙ୍କ ଉପରେ ଅତ୍ୟଧିକ ବୋଝ ଥିଲା ଏବଂ ସେହି ବୋଝ ଆହୁରି ଅଧିକ ଭାରୀ ହୋଇଗଲା ଯେଉଁଠାରେ ଏକ ତୃତୀୟ ପକ୍ଷର ଦାବିକୁ ସମର୍ଥନ କରି ସଂହିତାର ଆଦେଶ 21, ନିୟମ 60 ଅଧୀନରେ ଅଦାଲତ ଦ୍ୱାରା ପାରିତ ଏକ ଆଦେଶ ତ୍ରୁଟିପୂର୍ଣ୍ଣ ଥିଲା ବୋଲି ସେ ଏକ ଘୋଷଣା ଲୋଡ଼ିଥିଲେ ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 655 / 1957 ।

ଦ୍ୱିତୀୟ ଅପିଲ ସଂଖ୍ୟା 174 / 1948 ରେ ଦେଇଥିବା ତା 22 ଏପ୍ରିଲ 1954 ରିଖର ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଡିକ୍ରୀରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ, ଯାହା ସତ୍ତ୍ୱାଧିକାର ମକଦ୍ଦମା ସଂଖ୍ୟା 120 / 1943 ରେ ଦ୍ୱିତୀୟ ମୁନ୍ସିଫ, କଟକ ଦେଇଥିବା ତା 31 ଅଗଷ୍ଟ, 1946 ରିଖର ରାୟ ଏବଂ ଡିକ୍ରି ବିରୁଦ୍ଧରେ ଜିଲ୍ଲା ବିଚାରପତି, କଟକଙ୍କ ଦ୍ୱାରା ମୁନ୍ସିଫ ଆବେଦନ ସଂଖ୍ୟା 309 / 1946 ରେ ତା 12 ଜାନୁୟାରୀ, 1948 ରିଖ ଦିନ ଦିଆଯାଇଥିବା ରାୟ ଏବଂ ଡିକ୍ରିରୁ ଉତ୍ପନ୍ନ ହୋଇଅଛି ।

ଆବେଦନକାରୀଙ୍କ ତରଫରୁ *ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ ଏବଂ ବି. ପି. ମାହେଶ୍ୱରୀ* ।

ଉତ୍ତରଦାତା ସଂଖ୍ୟା ୨, ୩ ଏବଂ ୪ ମାନଙ୍କ ପକ୍ଷରୁ *ଏସ୍. ପି. ସିହ୍ନା ଏବଂ ଆର୍. ପଟ୍ଟନାୟକ* । ମେ 12 1959 । ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ

ସିହ୍ନା, ନ୍ୟାୟମୂର୍ତ୍ତି - ଦେୱାନୀ କାର୍ଯ୍ୟବିଧି ସଂହିତା (ଏହା ପରେ 'ସଂହିତା' ଭାବରେ ଉଲ୍ଲେଖିତ) ର ଆଦେଶ 21 ର ନିୟମ 63 ର ବ୍ୟବସ୍ଥା ଅଧୀନରେ ରୁଜୁ କରାଯାଇଥିବା ଅଭିଯୋକ୍ତାଙ୍କ ମକଦ୍ଦମାକୁ ଖାରଜ କରି, ନିମ୍ନ ନ୍ୟାୟାଳୟସମୂହର ସମବର୍ତ୍ତୀ ନିଷ୍ପତ୍ତିଗୁଡ଼ିକୁ ପାଲଟାଇ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦ୍ୱିତୀୟ ଆବେଦନ ଉପରେ, ତା 27 ଏପ୍ରିଲ, 1954 ରିଖ ଦିନ ପାରିତ ରାୟ ଏବଂ ଡିକ୍ରି ବିରୁଦ୍ଧରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଟି ନିର୍ଦ୍ଦେଶିତ ହୋଇଛି । ପ୍ରଥମ ପ୍ରତିବାଦୀ ପରେସ ନାଥ ଠାକୁରଙ୍କ ସପକ୍ଷରେ ଓଡ଼ିଶାର କଟକ ସହରରେ ସ୍ଥିତ ଦିଗମ୍ବର ଜୈନ ମନ୍ଦିରରେ ସଂସ୍ଥାପିତ ତା 15 ଡିସେମ୍ବର, 1926 ରିଖର ନ୍ୟାସ ଦଲିଲଟି ନକଲି ତଥା ଜାଲ ଅଟେ ଏବଂ କାର୍ଯ୍ୟକାରୀ ହେବା ଉଦ୍ଦେଶ୍ୟରେ ନଥିଲା ଏବଂ ଉକ୍ତ ନ୍ୟାସ ଦଲିଲ ଅନ୍ତର୍ଭୁକ୍ତ ସମ୍ପତ୍ତି, ପ୍ରତିବାଦୀ ୨ ରୁ ୪ ଙ୍କର ଥିଲା, ଏବଂ ପ୍ରତିବାଦୀଗଣ - ଦ୍ୱିତୀୟ ପକ୍ଷ (ପ୍ରତିବାଦୀ ୨ ରୁ ୪ ) ମାନଙ୍କ ବିରୋଧରେ ଅଭିଯୋକ୍ତାଙ୍କ ଦ୍ୱାରା ପ୍ରାପ୍ତ ଡିକ୍ରି ସମ୍ପାଦନାର୍ଥେ ବିକ୍ରି ହେବାକୁ ଆଇନ ଅନୁଯାୟୀ ବାଧ୍ୟ ଥିଲା ବୋଲି ଏକ ଘୋଷଣାର୍ଥେ ଉତ୍ତରଦାତାମାନଙ୍କ ପକ୍ଷରୁ ଏହି ମକଦ୍ଦମାଟି ରୁଜୁ କରାଯାଇଥିଲା । ପ୍ରଥମ ପ୍ରତିବାଦୀ, ଦେବାଦେବୀଙ୍କ ବିରୁଦ୍ଧରେ, ନ୍ୟାସୀମାନଙ୍କ ତତ୍ତ୍ୱାବଧାନରେ ମକଦ୍ଦମାଟିକୁ ଦାୟର କରାଯାଇଥିଲା ।

ଏହି ମାମଲାର ତଥ୍ୟଗୁଡିକ, ଯାହା ଏହି ଆବେଦନ ଆଡ଼େ ଆଗେଇ ନେଇଛି, ଏହି ଆବେଦନର ନିର୍ଣ୍ଣୟ ପାଇଁ ସେଗୁଡିକ ଯେତେଦୂର ଆବଶ୍ୟକ, ନିମ୍ନରେ ତାହା ଦିଆଗଲା: ଅଭିଯୋକ୍ତାମାନେ ତା 14 ଏପ୍ରିଲ, 1927 ରିଖର ଏକ ସରଳ ବନ୍ଧକ ମୁଚାଲିକା ବାବଦରେ ବନ୍ଧକଧାରୀଙ୍କ ଭାଗର ଗ୍ରହୀତା ଅଟନ୍ତି, ଯାହା ଉପରୋକ୍ତ ପ୍ରତିବାଦୀଗଣ - ଦ୍ୱିତୀୟ ପକ୍ଷଙ୍କ ଭାଗର ପୂର୍ବାଧିକାରୀମାନଙ୍କ ଦ୍ୱାରା ନିଷ୍ପାଦିତ ହୋଇଥିଲା । ବନ୍ଧକଧାରୀମାନେ ବନ୍ଧକକୁ ଲାଗୁ କରିବା ପାଇଁ

କଟକସ୍ଥିତ ଅଧସ୍ତନ ବିଚାରପତିଙ୍କ ଅଦାଲତରେ ଏକ ମକଦ୍ଦମା ଦାୟର କରିଥିଲେ । ସେମାନେ 1935 ମସିହା ଜୁନ୍ 11 ରେ ଏକ ପ୍ରାଥମିକ ଡିକ୍ରି ପାଇଥିଲେ, ଯାହା 1936 ମସିହା ଅକ୍ଟୋବର 13 ରେ ଚୂଡ଼ାନ୍ତ ହୋଇଥିଲା । ସମୟକ୍ରମେ, ବନ୍ଧକ ରଖାଯାଇଥିବା ସମ୍ପତ୍ତିଗୁଡ଼ିକ ଡିକ୍ରି-ଧାରକମାନଙ୍କ ଦ୍ୱାରା ବିକ୍ରୟ ତଥା କ୍ରୟ କରାଯାଇଥିଲା, କିନ୍ତୁ ବନ୍ଧକ ରଖାଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ଡିକ୍ରିଜନିତ ବକେୟା ପରିତୁଷ୍ଟ ହୋଇନଥିବାରୁ, ପ୍ରତିବାଦୀ ୨ ରୁ ୪ ଙ୍କ ବିରୋଧରେ ଏପ୍ରିଲ 29, 1940 ରେ 11, 000 ଏବଂ କିଛି ଟଙ୍କା ପାଇଁ ଏକ ଅର୍ଥ ଡିକ୍ରି ହାସଲ କରାଯାଇଥିଲା । ଉପରୋକ୍ତ ନ୍ୟାସ ଦଲିଲରେ ଅନ୍ତର୍ଭୁକ୍ତ ବିବାଦୀୟ ସମ୍ପତ୍ତି, ସେପ୍ଟେମ୍ବର 23, 1934 ରେ ନ୍ୟାସ ପୂର୍ବରୁ କୋରଖ କରାଯାଇଥିଲା । ଯେତେବେଳେ ଡିକ୍ରି-ଧାରକ ନ୍ୟାସ ଦଲିଲରେ ଅନ୍ତର୍ଭୁକ୍ତ ସମ୍ପତ୍ତି ବିରୁଦ୍ଧରେ ଅଗ୍ରସର ହୋଇଥିଲେ, ପ୍ରତିବାଦୀ - ପ୍ରଥମ ପକ୍ଷ, ନ୍ୟାସୀଙ୍କ ମାଧ୍ୟମରେ, ସଂହିତାର ଆଦେଶ 21 ର ନିୟମ 63 ଅଧୀନରେ ସମ୍ପତ୍ତି ଉପରେ ଦାବିକୁ ବିଚାରାର୍ଥେ ଉପସ୍ଥାପିତ କରି, ସମ୍ପତ୍ତିଗୁଡିକ ଦେବାଦେବୀଙ୍କର ଏବଂ ଡିକ୍ରି-ଋଣୀଙ୍କର ନୁହେଁ ବୋଲି ଦାବି କଲେ । ନିଷ୍ପାଦନ ଅଦାଲତ, ସଂହିତା ଅଧୀନସ୍ଥ ତଦନ୍ତ କରିବା ପରେ, ଦାବିଦାରଙ୍କ ସପକ୍ଷରେ ଏକ ଆଦେଶ ପାରିତ କରିଥିଲେ । ତେଣୁ, ଅଭିଯୋକ୍ତାମାନେ ସଂହିତାର ଆଦେଶ 21 ର ନିୟମ 63 ର ବ୍ୟବସ୍ଥା ଅଧୀନରେ ମକଦ୍ଦମାଟି ରୁଜୁ କରିଥିଲେ, ଏହି ଅଭିଯୋଗ କରି ଯେ ଉପରୋକ୍ତ ନ୍ୟାସ ଦଲିଲଟି, ଯାହାକୁ ଆଧାର କରି ଅଦାଲତଙ୍କ ଦ୍ୱାରା ଦାବିକୁ ଅନୁମତି ଦିଆଯାଇଥିଲା, ପୂର୍ବ କଥିତାନୁଯାୟୀ, ଏକ ନକଲି ତଥା ଜାଲ କାରବାର ଥିଲା ଯାହା ନ୍ୟାସ ଦଲିଲ ଏବଂ ମକଦ୍ଦମାର ବିଷୟବସ୍ତୁରେ ଅନ୍ତର୍ଭୁକ୍ତ ସମ୍ପତ୍ତିକୁ କୌଣସି ସ୍ୱତ୍ୱ ପ୍ରଦାନ କରେନାହିଁ । ତଥ୍ୟଭିତ୍ତିକ ଅଦାଲତଦ୍ୱୟ ସହମତ ହୋଇଥିଲେ ଯେ ବାସ୍ତବରେ ଏକ ମୂର୍ତ୍ତି ଅଛି, ଏବଂ ଉତ୍ସର୍ଗୀକୃତ ଦଲିଲ ଦାତାମାନଙ୍କଠାରୁ ଗ୍ରହୀତାଙ୍କୁ ସ୍ୱତ୍ୱ ହସ୍ତାନ୍ତର କରିବାକୁ ପ୍ରଭାବଶାଳୀ ଥିଲା, ଏବଂ ଯେ ଦାତାଗଣ, ଯେଉଁମାନେ କି ପ୍ରତିବାଦୀ - ଦ୍ୱିତୀୟ ପକ୍ଷ - ସ୍ୱତ୍ୱର - ପୂର୍ବାଧିକାରୀ ଥିଲେ, ସମ୍ପତ୍ତିର ଯେକୌଣସି ଭାଗରୁ ସେମାନେ ନିଜକୁ ସମ୍ପୂର୍ଣ୍ଣ ରୂପେ ଅଧିକାରଚ୍ୟୁତ କରିଥିଲେ ଯାହା ନ୍ୟାସ ଦଲିଲର ବିଷୟବସ୍ତୁ ଥିଲା । ଏହା ମଧ ଦେଖାଗଲା ଯେ ବିବାଦୀୟ ସମ୍ପତ୍ତି ବନ୍ଧକଦାତାଙ୍କ ପରିବାରର ନୁହେଁ, ଏବଂ ଯେ ନ୍ୟାସ ଦଲିଲଟି କେବଳ ସମସ୍ତ ସନ୍ଦେହ କିମ୍ବା ବିବାଦ ବାହାରେ ସମ୍ପତ୍ତିର ସ୍ୱତ୍ୱାଧିକାର ଦେବା ଉଦ୍ଦେଶ୍ୟରେ ସମ୍ପାଦନ କରାଯାଇଥିଲା । ପ୍ରଥମ ଦୁଇଟି ଅଦାଲତରେ ବିଫଳ ହେବାପରେ, ଅଭିଯୋକ୍ତାମାନେ କଟକ ଉଚ୍ଚ ନ୍ୟାୟାଳୟରେ ଦ୍ୱିତୀୟ ଆବେଦନଟି କରିଥିଲେ । ପାଣିଗ୍ରାହୀ, ମୁଖ୍ୟ ନ୍ୟାୟାଧୀଶ, ଏବଂ ନରସିଂହମ୍, ନ୍ୟାୟାଧୀଶଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ଆବେଦନ ଉପରେ ଶୁଣାଣି କରିଥିଲେ । ନ୍ୟାୟାଳୟର ରାୟ ବିଜ୍ଞ ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା, ଯିଏ ନିମ୍ନ ଅଦାଲତଗୁଡ଼ିକର ନିଷ୍ପତ୍ତିଗୁଡ଼ିକୁ ରଦ୍ଦ କରିଦେଇଥିଲେ, ଏବଂ ସମ୍ପୂର୍ଣ୍ଣ ଖର୍ଚ୍ଚ ସହିତ ଆବେଦନକୁ ଅନୁମତି ଦେଇଥିଲେ । ଯେହେତୁ ପ୍ରତିବାଦୀ - ପ୍ରଥମ ପକ୍ଷ ଉଚ୍ଚ ନ୍ୟାୟାଳୟରୁ ଏହି ନ୍ୟାୟାଳୟରେ ଆବେଦନ କରିବା ପାଇଁ ଆବଶ୍ୟକ ଅନୁମତି ପାଇବାରେ ବିଫଳ ହୋଇଥିଲେ, ଏହା ସ୍ୱତନ୍ତ୍ର ଅନୁମତି ପାଇଁ ଏହି ନ୍ୟାୟାଳୟକୁ ଆସିଥିଲା ଯାହାକୁ ମଞ୍ଜୁରି ଦିଆଯାଇଥିଲା । ଅତଃ, ଏହି ଆବେଦନଟି ।

ଏହା ସୁବିଦିତ ଯେ ଦ୍ୱିତୀୟ ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ଥିର କରାଯିବାକୁ ଥିବା ପ୍ରଶ୍ନଟି, ନିହାତି ଏକ ଅତ୍ୟାବଶ୍ୟକ ତଥ୍ୟ ଥିଲା । ଉଚ୍ଚ ନ୍ୟାୟାଳୟଙ୍କର ତତ୍କାଳ ମାମଲାର ଏହି ଦିଗ ପ୍ରତି ଅବଗତି ଥିଲା ବୋଲି ନିମ୍ନୋକ୍ତ ଅବଲୋକନରୁ ପରିଦୃଷ୍ଟ, ଯତ୍ ସହ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିର ଆରମ୍ଭ:-

"ଦ୍ୱିତୀୟ ଆବେଦନରେ ଆମ୍ଭ ସମକ୍ଷରେ ଦୃଢ଼ ଭାବରେ ରଖାଯାଇଥିବା ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି, ଉଭୟ ମୌଖିକ ତଥା ଲିଖିତ ସାକ୍ଷ୍ୟ, ଏକ ଅନୁମାନକୁ ନିଶ୍ଚିତ କରିବ କି ନାହିଁ ଯେ ପ୍ରକୃତରେ ଦେବାଦେବୀଙ୍କୁ ସମ୍ପତ୍ତି ଉତ୍ସର୍ଗୀକୃତ ହୋଇ ଥିଲା ।"

ପ୍ରିଭି କାଉନସିଲର ନ୍ୟାୟିକ କମିଟି ତଥା ଏହି ନ୍ୟାୟାଳୟର ନିଷ୍ପତ୍ତିଗୁଡିକର ଏକ ଦୀର୍ଘ ଶୃଙ୍ଖଳା ଦ୍ୱାରା ଏହା ଉତ୍ତମରୂପେ ସ୍ଥିରୀକୃତ ଯେ ତଥ୍ୟଭିତ୍ତିକ ନ୍ୟାୟାଳୟ ଦ୍ୱାରା ଅଭିଲିଖିତ କରାଯାଇଥିବା ତଥ୍ୟର ଫଳାଫଳ ଯେତେ ବି ଭୁଲ ହୋଇଥାଉ, ଏକ ଉଚ୍ଚ ନ୍ୟାୟାଳୟ, ଦ୍ୱିତୀୟ ଆବେଦନ ଉପରେ, ତଥ୍ୟଭିତ୍ତିକ ପ୍ରଶ୍ନ ଭିତରକୁ ଯାଇପାରିବ ନାହିଁ । ସେହି ନିଷ୍ପତ୍ତିଗୁଡ଼ିକୁ ଉଦ୍ଧୃତ କରିବାର କିଛି ଆବଶ୍ୟକତା ନାହିଁ । ପ୍ରକୃତପକ୍ଷେ, ଅଭିଯୋକ୍ତା – ଉତ୍ତରଦାତାମାନଙ୍କ ପକ୍ଷର ଶ୍ରୀମାନ ଓକିଲ ଯୁକ୍ତି କରିନଥିଲେ ତଥା ଯୁକ୍ତି କରିପାରିନଥିଲେ ଯେ ତଥ୍ୟଭିତ୍ତିକ ନ୍ୟାୟାଳୟଦ୍ୱୟଙ୍କ ଦ୍ୱାରା ଏକକାଳୀନ ଅଭିଲିଖିତ ହୋଇଥିବା ତଥ୍ୟର ଫଳାଫଳର ଅନୁଧାବନ କରିବାକୁ ଉଚ୍ଚ ନ୍ୟାୟାଳୟ ଦକ୍ଷ ଅଟନ୍ତି । ଏହା ପରେ ଉଚ୍ଚ ନ୍ୟାୟାଳୟ ଉଭୟ ମୌଖିକ ଏବଂ ଲିଖିତ ପ୍ରମାଣ ପରୀକ୍ଷା କରିବାକୁ ବାହାରିଥିଲେ ଏବଂ ପକ୍ଷମାନଙ୍କ ଦ୍ୱାରା ଉପସ୍ଥାପିତ ବିପୁଳ ପରିମାଣର ପ୍ରମାଣର ବିସ୍ତାରରେ ପରୀକ୍ଷା ପରେ ଏହି ଫଳାଫଳକୁ ଅଭିଲିଖିତ କରିଥିଲେ ଯେ:

"ପ୍ରତିବାଦୀ ସଂଖ୍ୟା 1 ତାଙ୍କ ସ୍ୱତ୍ୱାଧିକାରକୁ ପ୍ରମାଣ କରିବାରେ ବିଫଳ ହୋଇଛନ୍ତି ଏବଂ ଅଭିଯୋକ୍ତାମାନେ ଡିକ୍ରି-ରଣୀମାନଙ୍କ ବିରୁଦ୍ଧରେ ସେମାନଙ୍କ ଦ୍ୱାରା ପ୍ରାପ୍ତ ଡିକ୍ରିକୁ ପରିତୁଷ୍ଟ କରିବା ଉଦ୍ଦେଶ୍ୟରେ ବାଦଭୁକ୍ତ ସମ୍ପତ୍ତିକୁ ବିକ୍ରୟ କରିବାକୁ ହକଦାର ।"

ଆମ୍ଭ ମତରେ, ଉଚ୍ଚ ନ୍ୟାୟାଳୟ ଉଭୟ ଆଇନତଃ ଏବଂ ତଥ୍ୟ ଉପରେ ନିଜକୁ ସମ୍ପୂର୍ଣ୍ଣ ଭୁଲ୍ ଦିଗରେ ନିର୍ଦ୍ଦେଶିତ କରିଛନ୍ତି, ଯାହା ବର୍ତ୍ତମାନ ପରିଦୃଷ୍ଟ ହେବ, ଏପରିକି ଏହା ଧରାଯାଇପାରେ ଯେ ଏହା ତଥ୍ୟର ଫଳାଫଳର ଅନୁଧାବନ କରିବାକୁ ମୁକ୍ତ ଥିଲା ।

ପ୍ରଥମତଃ, ଉଚ୍ଚ ନ୍ୟାୟାଳୟ ପ୍ରମାଣ ଭାରକୁ ଅପସ୍ଥାପିତ କରିଛନ୍ତି, ଯାହା ଏବେ ଉପରେ ଉଲ୍ଲେଖ କରାଯାଇଥିବା ଉପସଂହାରରୁ ଜଣାପଡ଼ିବ । ପ୍ରମାଣ ଭାର ଅନେକାଂଶରେ ଏହାର ଗୁରୁତ୍ୱ ହରାଏ ଯେଉଁଠାରେ ଉଭୟ ପକ୍ଷ ସେମାନଙ୍କର ସାକ୍ଷ୍ୟ ଉପସ୍ଥାପନ କରିଛନ୍ତି । କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିବାଦୀ, ଦେବାଦେବୀଙ୍କ ଦ୍ୱାରା ସେହି ଦାୟିତ୍ୱ ନିର୍ବାହ ହୋଇଛି କି ନାହିଁ ତାହା ଉଚ୍ଚ ନ୍ୟାୟାଳୟ ନିଜର ପରୀକ୍ଷଣ ନିମିତ୍ତାର୍ଥେ ପ୍ରମାଣ ଭାର ଉପରେ କେତେକାଂଶରେ ଗୁରୁତ୍ୱ ଦେଇଥିବା ପରି ମନେହୁଏ । ଉଚ୍ଚ ନ୍ୟାୟାଳୟଙ୍କ ନିମ୍ନଲିଖିତ ପର୍ଯ୍ୟବେକ୍ଷଣରୁ ଏହା ସ୍ପଷ୍ଟ ହେଉଛି :-

"ଏହି ସିଦ୍ଧାନ୍ତଗୁଡ଼ିକ ଦ୍ୱାରା ବିଚାର ହୋଇଥିବା ଏକ୍ସିବିଟ F, ନ୍ୟାସ ଦଲିଲ ନିଜେ କୌଣସି ବୃତ୍ତିଦାନ ସୃଷ୍ଟି କରୁନାହିଁ; ଏବଂ ପ୍ରତିବାଦୀମାନଙ୍କ ପକ୍ଷରେ ପ୍ରମାଣ ଦ୍ୱାରା ଏହା ଦର୍ଶାଇବା ଆବଶ୍ୟକ ହେଉଛି ଯେ ଅନ୍ୟାତଃ ଏହି

ନିର୍ଦ୍ଦିଷ୍ଟ ମୂର୍ତ୍ତି *ସପକ୍ଷରେ* ଏକ ବିଦ୍ୟମାନ ବୃତ୍ତିଦାନ ଥିଲା ଯାହା ପ୍ରତି 'ଦେବୋତ୍ତର' ବର୍ଣ୍ଣନା ପ୍ରୟୋଗ କରାଯାଇପାରିବ ।"

ପୁନଶ୍ଚ ନିମ୍ନରେ, ଉଚ୍ଚ ନ୍ୟାୟାଳୟ ମନ୍ତବ୍ୟ ଦେଇଥିଲେ, ଯାହାକୁ "ଅସଂଖ୍ୟ ନିଷ୍ପତ୍ତିମାନ" ଭାବରେ ଉଲ୍ଲେଖିତ କରି ଚିତ୍ରଣ କରିଥିଲେ":-

> "ଏହି ମାମଲାର ତମାମ ତଥ୍ୟ ଉପରେ ଉପରୋକ୍ତ ନୀତିଗୁଡିକ ପ୍ରୟୋଗ କରି, ଆମ୍ଭେ ପାଇଲୁ ଯେ ଏକ୍ସିବିଟ F ରେ ଯାହା ପାଠ କରାଯାଇଛି ତାହା ବ୍ୟତୀତ ଦେବତାଙ୍କୁ ସମ୍ପତ୍ତିଗୁଡିକର ଆନୁଷ୍ଠାନିକ ଉତ୍ସର୍ଗ ବିଷୟରେ କୌଣସି ପ୍ରମାଣ ଦିଆଯାଇ ନାହିଁ । ଏହି ସମ୍ପତ୍ତିଗୁଡ଼ିକର ପ୍ରକୃତ ଉତ୍ସର୍ଗୀକୃତ ଥିଲା ବୋଲି ଏହି ତଥ୍ୟକଥନ ଏକ ସିଦ୍ଧାନ୍ତକୁ ସମର୍ଥନ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ ।"

ଉଚ୍ଚ ନ୍ୟାୟାଳୟଙ୍କୁ ଉପଯୁକ୍ତ ସମ୍ମାନ ସହକାରେ, ଏହି ମନ୍ତବ୍ୟ ଦେବା ଉଚିତ ହେଉଛି ଯେ ଏହା ଯେଉଁ ପ୍ରକାରର ମକଦ୍ଦମା ପରିଚାଳନା କରୁଥିଲେ, ତାହା ଉପରେ ପ୍ରଯୋଜ୍ୟ ହେଉଥିବା ସୁପ୍ରତିଷ୍ଠିତ ନିୟମ ପ୍ରତି ତାଙ୍କର ନଜର ପଡ଼ି ନଥିବା ପରି ମନେହେଉଛି, ଯେ ପ୍ରମାଣ ଭାର ଜଣେ ଅଭିଯୋକ୍ତାଙ୍କ ଉପରେ ଭାରୀ ହୁଏ ଯିଏ କି ଏକ ସତ୍ୟନିଷ୍ଠ ଭାବରେ ସମ୍ପାଦିତ ଏବଂ ପଞ୍ଜୀକୃତ ଦଲିଲକୁ ଏକ କାଳ୍ପନିକ କାରବାର ହିସାବରେ ଘୋଷଣା ପାଇଁ ମକଦ୍ଦମା କରିଥା'ନ୍ତି । ଏହି ବୋଝ ଆହୁରି ଦ୍ୱିଗୁଣିତ ହୋଇଯାଏ ଯେତେବେଳେ ନିଷ୍ପାଦନରେ ସମ୍ପତ୍ତି ଉପରେ ତୃତୀୟ ପକ୍ଷର ଦାବି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଯାଚନାକୁ ବଜାୟ ରଖି ନିଷ୍ପାଦନ ପ୍ରକ୍ରିୟାରେ, ପାରିତ ହୋଇଥିବା ଦେୱାନୀ ନ୍ୟାୟାଳୟର ଆଦେଶକୁ ରଦ୍ଦ କରିବାକୁ ଅଭିଯୋକ୍ତା ଯାଚନା କରିଥା'ନ୍ତି ।  ଅଭିଯୋକ୍ତା, ଯିଏ ତାଙ୍କ ବିରୁଦ୍ଧରେ ଦିଆଯାଇଥିବା ପ୍ରତିକୂଳ ଆଦେଶର ପରିଣାମରୁ ମୁକ୍ତି ପାଇବାକୁ ଚାହାଁନ୍ତି, ତାଙ୍କୁ ସ୍ୱୀକାରମୂଳକ ଭାବରେ ଦର୍ଶାଇବାକୁ ପଡିବ ଯେ ନିଷ୍ପାଦନ ଅଦାଲତ ଦ୍ୱାରା ସମ୍ୟକ ତଦନ୍ତ ଉପରେ ପାରିତ ଆଦେଶଟି ତ୍ରୁଟିପୂର୍ଣ୍ଣ ଥିଲା । ତେଣୁ ଏହି ମାମଲାରେ, ପ୍ରତିବାଦୀମାନେ ଅଭିଯୋକ୍ତା ଥିଲେ, ଏତତ୍ ଭିନ୍ନ, ସେମାନଙ୍କ ଉପରେ ଏକ ପ୍ରାରମ୍ଭିକ ଭାରୀ ବୋଝ ଥିଲା, କେବଳ ଦର୍ଶାଇବାକୁ ଯେ ଦାବି ମାମଲାରେ ଦେୱାନୀ ନ୍ୟାୟାଳୟର ଆଦେଶଟି ତ୍ରୁଟିପୂର୍ଣ୍ଣ ଥିଲା ତାହା ନୁହେଁ, ବରଂ ଏହା ମଧ୍ୟ ଦର୍ଶାଇବାକୁ ଥିଲା ଯେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିବାଦୀଙ୍କ ଦ୍ୱାରା ନିର୍ଭର କରାଯାଇଥିବା ନ୍ୟାସ ଦଲିଲଟି, କାଳ୍ପନିକ ଥିଲା । ଉଭୟ ତଥ୍ୟଭିତ୍ତିକ ଅଦାଲତ ସମସ୍ତ ପ୍ରାସଙ୍ଗିକ ପ୍ରମାଣ ଉପରେ ସବିସ୍ତାରରେ ଆଲୋଚନା କରିଥିଲେ, ଏବଂ ଅଭିଯୋକ୍ତାମାନେ ସେମାନଙ୍କ ମାମଲା ପ୍ରମାଣ କରିବାରେ ବିଫଳ ହୋଇଛନ୍ତି ବୋଲି କରାଯାଇଥିବା ସିଦ୍ଧାନ୍ତରେ ସମ୍ମତ  ହୋଇଥିଲେ । ନିମ୍ନ ଅଦାଲତମାନେ ଯେଉଁ ପ୍ରଶ୍ନ ଉପରେ ନିଷ୍ପତ୍ତି ନେଇଥିଲେ ଏବଂ ଯାହା କି ଉଚ୍ଚ ନ୍ୟାୟାଳୟଙ୍କ ସମକ୍ଷରେ ବିବାଦରେ ଥିବା ତାହା ହିଁ ଏକମାତ୍ର ପ୍ରଶ୍ନ ଥିଲା; ଯେ ନ୍ୟାସ ଦଲିଲ ଏକ କାଳ୍ପନିକ କାରବାର ଥିଲା କି ନାହିଁ । ଏ'ଭଳି ପ୍ରଶ୍ନଟି ଏକ ଅତ୍ୟାବଶ୍ୟକ ତଥ୍ୟ ଅଟେ । *ମୀନାକ୍ଷୀ ମିଲ୍ସ, ମଦୁରାଇ ବନାମ ଆୟକର ଆୟୁକ୍ତ ମାଡ୍ରାସ* ([1]) ମାମଲାରେ ଏହି ନ୍ୟାୟାଳୟର ସଦ୍ୟତମ ନିଷ୍ପତ୍ତି ଦେଖନ୍ତୁ,

(1) [1956] S. C. R. 691.

ଯେଉଁଠାରେ ଏହା, *ଅନ୍ୟାନ୍ୟ ବିଷୟଗୁଡ଼ିକ ସହିତ,* ନିର୍ଦ୍ଧାରିତ କରାଯାଇଛି, ଯେ ତଥ୍ୟର ଏକ ସିଦ୍ଧାନ୍ତ, ଯଦିଓ କଦାଚିତ ପ୍ରମାଣରେ ମିଳୁଥିବା ଅନ୍ୟାନ୍ୟ ତଥ୍ୟଗୁଡିକରୁ ନିସୃତ ଏକ ଯୁକ୍ତିସିଦ୍ଧ ଅନୁମାନ ହୋଇଥାଏ, ତେବେ ସୁଦ୍ଧା କେତେକ ବିନିର୍ଦ୍ଦିଷ୍ଟ ମାମଲାଗୁଡ଼ିକୁ ଛାଡ଼ିଦେଲେ ଏହା ଏକ ବିଧିଗତ ପ୍ରଶ୍ନ ନୁହେଁ । ଆମ ସମକ୍ଷରେ ଥିବା ମାମଲା ନିଶ୍ଚିତ ଭାବରେ ସେହି ନିର୍ଦ୍ଦିଷ୍ଟ ମାମଲାମାନଙ୍କ ମଧ୍ୟରୁ ଗୋଟିଏ ନୁହେଁ । ଉଚ୍ଚ ନ୍ୟାୟାଳୟଙ୍କର ନିଷ୍ପତ୍ତିକୁ ଅପସାରଣ କରିବା ପାଇଁ ଏହି ମନ୍ତବ୍ୟଗୁଡ଼ିକ ସମ୍ପୂର୍ଣ୍ଣରୂପେ ପର୍ଯ୍ୟାପ୍ତ, କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ନିମ୍ନ ଅଦାଲତଗୁଡ଼ିକର ତଥ୍ୟର ସମବର୍ତ୍ତୀ ଫଳାଫଳକୁ ଅଗ୍ରାହ୍ୟ କରିବା କାରଣଗୁଡ଼ିକୁ ଆମ୍ଭେ ପରୀକ୍ଷା କରିବୁ, ଏହା ଦେଖିବା ପାଇଁ ଯେ ଉଚ୍ଚ ନ୍ୟାୟାଳୟ ଏହାର ସିଦ୍ଧାନ୍ତରେ ସଠିକ୍ ଥିଲେ କି ନାହିଁ, ସର୍ବଦା ଏହା ମନେ କରି ଯେ ଉଚ୍ଚ ନ୍ୟାୟାଳୟ ସେହି ତଥ୍ୟଭିତ୍ତିକ ପ୍ରଶ୍ନଗୁଡିକ ଭିତରେ ଯିବାକୁ ସର୍ବଥା ଦକ୍ଷ ଥିଲେ । ଉଚ୍ଚ ନ୍ୟାୟାଳୟ ଦଲିଲରେ ଥିବା କେତେକ ତଥ୍ୟକଥନ ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଥିଲେ, ଯାହା ନିମ୍ନଲିଖିତ ପର୍ଯ୍ୟବେକ୍ଷଣରୁ ପରିଦୃଷ୍ଟ ହେବ:-

> "ସର୍ବୋପରି, ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟକଥନ ଅଛି ଯାହା ଉଭୟ ନିମ୍ନ ଅଦାଲତଙ୍କର ଦୃଷ୍ଟିରୁ ଖସି ଯାଇଥିବା ପରି ମନେହୁଏ, ଏବଂ ତାହା ହେଉଛି 'ନ୍ୟାସୀମାନେ ସମ୍ପତ୍ତିର ନିକାଶ କରିପାରିବେ ଯଦି କଦାଚିତ ସେମାନେ ଏହା ଆବଶ୍ୟକ ବୋଲି ଭାବନ୍ତି, ଏବଂ ଦେବତାଙ୍କ ଦୈନନ୍ଦିନ ପୂଜା ପରିଚାଳନା ପାଇଁ ଜଣେ ପୂଜାରୀଙ୍କୁ ମଧ୍ୟ ନିଯୁକ୍ତ କରିପାରିବେ' ।"

ଏହି  ମନ୍ତବ୍ୟଗୁଡିକ ଦେବା ସମୟରେ, ଉଚ୍ଚ ନ୍ୟାୟାଳୟ ଦଲିଲର ଶେଷ ଆଡ଼କୁ ଥିବା ନିମ୍ନଲିଖିତ ଅନୁଚ୍ଛେଦର ପ୍ରକୃତ ତାତ୍ପର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ଛାଡ଼ିଯାଇଛନ୍ତି: -

> "ଏହା କୁହାଯାଇଥାଉ ଯେ ଯଦି କୌଣସି ସମୟରେ ଏହାର ଆବଶ୍ୟକତା ପଡ଼େ, ତେବେ ଆପଣ ନ୍ୟାସୀମାନେ ଆପଣମାନଙ୍କ ସର୍ବସମ୍ମତ ମତ ଅନୁଯାୟୀ ଏହି ଦଲିଲର ଅନୁସୂଚୀ 'ଖ' ରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିରୁ ବରମୁଣ୍ଡା, ସିରିପୁର ଏବଂ ନୂଆପାଲି ଆଦି ମୌଜାଗୁଡିକରେ, କିଲ୍ଲା ଖୁର୍ଦ୍ଧା ଏବଂ ଜିଲ୍ଲା ଦାଣ୍ଡିମାଳରେ ଅବସ୍ଥିତ ସମ୍ପତ୍ତିକୁ ବିକ୍ରି  କରିବେ ଏବଂ ପୂଜା ଉଦ୍ଦେଶ୍ୟରେ ଯେକୌଣସି ସେବକ ଇତ୍ୟାଦି, ନିଯୁକ୍ତ କରିବେ ।

ଦଲିଲରେ ଉପରୋକ୍ତ ଉଦ୍ଧୃତ ବ୍ୟବସ୍ଥାରୁ ଏହା ଲକ୍ଷ୍ୟ କରାଯିବ ଯେ ନ୍ୟାସୀମାନଙ୍କୁ ବିନିର୍ଦ୍ଦିଷ୍ଟ ସମ୍ପତ୍ତିକୁ ହସ୍ତାନ୍ତରକରଣ କରିବାକୁ ଦଲିଲ ଦ୍ୱାରା ବିନିର୍ଦ୍ଦିଷ୍ଟ ଭାବରେ କ୍ଷମତାସୀନ କରାଯାଇଥିଲା, ଯାହା ପ୍ରମାଣ ଅନୁଯାୟୀ, ଅତ୍ୟନ୍ତ ଅସୁବିଧାଜନକ ଭାବରେ ଅବସ୍ଥିତ ଥିଲା । ଏହି ମାମଲାରେ ବିବାଦରେ ଥିବା ସମ୍ପତ୍ତି ସେହି ବର୍ଗରେ ନାହିଁ । ସମ୍ପତ୍ତିଗୁଡ଼ିକ କଟକ ସହରରେ ସ୍ଥିତ ଜମି ଏବଂ ଘର, ଯେଉଁଠାରେ ଦେବତା ଅବସ୍ଥିତ । ତେଣୁ, ପ୍ରଥମତଃ, ନ୍ୟାସୀମାନଙ୍କୁ ଦିଆଯାଇଥିବା ହସ୍ତାନ୍ତରକରଣର ବିନିର୍ଦ୍ଦିଷ୍ଟ କ୍ଷମତା, ବିବାଦଭୁକ୍ତ ସମ୍ପତ୍ତି ଉପରେ ଲାଗୁ ହେଉନଥିଲା । ଦ୍ୱିତୀୟତଃ, ଏକ ନ୍ୟାସ ଦଲିଲରେ ଏପରି ଏକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ଥାନ ବହିର୍ଭୂତ ନୁହେଁ, ଯାହା ଏହି ଯୁକ୍ତିସିଦ୍ଧ ଅନୁମାନ ଦେଇପାରିବ ଯେ ଦସ୍ତାବିଜଟି କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନଥିଲା ।

ତତପରେ ନିଜର ସିଦ୍ଧାନ୍ତ ଭିତ୍ତିରେ, ଉଚ୍ଚ ନ୍ୟାୟାଳୟ ଅପରପକ୍ଷ ସାକ୍ଷୀ ୩ ଙ୍କ ସାକ୍ଷ୍ୟକୁ ବିସ୍ତାରରେ ପରୀକ୍ଷା କରିଥିଲେ, ଯିଏ କି, ଜଣେ ସମ୍ମାନସ୍ପଦ ବ୍ୟକ୍ତି ଅଟନ୍ତି । ଏହି ସାକ୍ଷୀଙ୍କ ସାକ୍ଷ୍ୟ ବିଷୟରେ, ଉଚ୍ଚ ନ୍ୟାୟାଳୟ ମନ୍ତବ୍ୟ ଦେଇଥିଲେ:

> "ନିଃସନ୍ଦେହରେ, ଏହି ସାକ୍ଷୀଙ୍କ ସାକ୍ଷ୍ୟ ଅତ୍ୟନ୍ତ ସମ୍ମାନଯୋଗ୍ୟ ଏବଂ ନିମ୍ନ ଅଦାଲତମାନେ ଏହାକୁ ନିର୍ଭରଯୋଗ୍ୟ ବୋଲି ଗ୍ରହଣ କରିଛନ୍ତି ।"

ଏହି ସାକ୍ଷୀଙ୍କ ପ୍ରମାଣ ଉପରେ ବିଚାର କରିବା ସମୟରେ, ଉଚ୍ଚ ନ୍ୟାୟାଳୟ ଆହୁରି ମନ୍ତବ୍ୟ ଦେବାକୁ ଅଗ୍ରସର ହୋଇଥିଲେ:

> "ଆମ୍ଭେ ଏଠାରେ ଏକମାତ୍ର ପ୍ରଶ୍ନର ନିର୍ଦ୍ଧାରଣ ସହ ସମ୍ପୃକ୍ତ ଯେ, ବାସ୍ତବରେ, ଦେବତାଙ୍କ ସପକ୍ଷରେ ଏକ ଉତ୍ସର୍ଗ ହୋଇଛି କି ନାହିଁ । ମୋକଦ୍ଦମାରେ ଥିବା ସମ୍ପତ୍ତିର କୌଣସି ଗୋଟିଏ ଜିନିଷର ଉପହାର ପ୍ରମାଣ କରିବାକୁ କୌଣସି ସାକ୍ଷୀଙ୍କୁ ଡକାଯାଇନାହିଁ । ଏପରିକି ମୂର୍ତ୍ତିର ସ୍ଥାପନ ସମ୍ବନ୍ଧୀୟ ପ୍ରମାଣ ଅତ୍ୟନ୍ତ ଦୁର୍ବୋଧ ।"

ଏଠାରେ ପୁନର୍ବାର, ଉଚ୍ଚ ନ୍ୟାୟାଳୟ ଅପରପକ୍ଷ ସାକ୍ଷୀ 1, କୁଞ୍ଜବାହରୀ ଲାଲଙ୍କ ପ୍ରମାଣକୁ ଅଣଦେଖା କରିଥିବା ପରି ମନେହୁଏ, ଯିଏ ନିମ୍ନପ୍ରକାରେ କହିଛନ୍ତି:

> "ବିବାଦୀୟ ଦୋକାନଘର ଠାକୁରଙ୍କର ଅଟେ । 1870 କିମ୍ବା 1872 ମସିହାରେ, ସମ୍ଭବତଃ ମାଣିକଲାଲ ନାମକ ଜନୈକ ବ୍ୟକ୍ତି ଠାକୁରଙ୍କୁ ବିବାଦୀୟ ଦୋକାନଘରଟିକୁ ଉପହାରସ୍ୱରୂପ ଦେଇଥିଲେ ।"

ନ୍ୟାସ ଦଲିଲ କାର୍ଯ୍ୟାନ୍ୱିତ ହୋଇଛି କି ନାହିଁ ଏହି ପ୍ରଶ୍ନକୁ ହାଥକୁ ନେଇଥିବା ସମୟରେ, ଉଚ୍ଚ ନ୍ୟାୟାଳୟ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି:--

> "1938 ମସିହା ପର୍ଯ୍ୟନ୍ତ ସମ୍ପତ୍ତିର ଭଡ଼ା ଏବଂ ଲାଭର ବିନିଯୋଗର କୌଣସି ପ୍ରମାଣ ନାହିଁ, ଏବଂ ଏପରିକି ଯେଉଁ ହିସାବପତ୍ରଗୁଡିକର ରକ୍ଷଣାବେକ୍ଷଣ କରାଯାଇଥିବା କଥା ଦୃଢ ଭାବେ କୁହାଯାଇଛି, ତାହା ମଧ୍ୟ ଉପସ୍ଥାପିତ ହୋଇନାହିଁ ।

ଉଚ୍ଚ ନ୍ୟାୟାଳୟ, ଏଠାରେ ପୁନର୍ବାର, ବିଷୟର ଏହି ଦିଗ ସମ୍ପର୍କରେ କିଛି ସାରବାନ୍ ସାକ୍ଷ୍ୟ ଉପରେ ନଜର ଦେଇ ନଥିବା ପରି ମନେହୁଏ । ବିଶେଷ ଭାବେ ମହତ୍ୱପୂର୍ଣ୍ଣ, ଜନୈକ ଧନେଶ୍ୱର ଲାଲଙ୍କ ସାକ୍ଷ୍ୟ, ଯାହାଙ୍କୁ ଦାବିଦାରଙ୍କ ତରଫରୁ ଉପରୋକ୍ତ ଦାବି ମାମଲାରେ ନିଷ୍ପାଦନ ଅଦାଲତ ଦ୍ୱାରା ପରୀକ୍ଷା କରାଯାଇଥିଲା । ତାଙ୍କ ସାକ୍ଷ୍ୟରେ ନିମ୍ନଲିଖିତ ବିବୃତି, ସାକ୍ଷୀ ମୃତ ହୋଇଥିବାରୁ ଯାହା ବିଚାରଣରେ ଏକ୍ଜିବିଟ M ଭାବରେ ଚିହ୍ନିତ ହୋଇଥିଲା, ପ୍ରସଙ୍ଗୋଚିତ ଅଟେ :-

> "ମୁଁ ଠାକୁରଙ୍କ ସମସ୍ତ ବ୍ୟାପାରର ଦେଖାଚାହାଁ କରେ । ମୁଁ ଠାକୁରଙ୍କର ଜଣେ ପଞ୍ଚାୟତ ସଦସ୍ୟ । ମୁଁ ମଧ୍ୟ ଏହାର ପୂଜା କରେ ଏବଂ ମୋତେ ଏଥିପାଇଁ 12 ଟଙ୍କା ଦରମା ମିଳେ । 1934 ମସିହାରୁ ମୁଁ ଠାକୁରଙ୍କ ପୂଜାରୀ ଭାବେ କାର୍ଯ୍ୟ କରିଆସୁଛି ଏବଂ 1936 ମସିହାରୁ ଠାକୁରଙ୍କ ଜମି ଦେଖାଶୁଣା କରୁଛି । ମୁଁ ନିୟମିତ ଭାବରେ ହିସାବପତ୍ର ରଖେ । ଏହି ହିସାବପତ୍ରଗୁଡିକ ମକଦ୍ଦମା ସଂଖ୍ୟା 94 / 1941 ସମ୍ବନ୍ଧରେ 2ୟ ମୁନ୍ସିଫ୍

ଅଦାଲତରେ ଦାଖଲ କରାଯାଇଛି । ବିବାଦୀୟ ସମ୍ପତ୍ତି ନ୍ୟାସ ଦଲିଲର ଥୋକ 1 ଏବଂ 2 ସହିତ ସମ୍ପୃକ୍ତ ଅଟେ ।

ପ୍ଲଟ୍ 216 ଟି ଠାକୁରଙ୍କ ମନ୍ଦିର ଅଟେ । ଏହା ଏକ ଦୁଇ ମହଲାବିଶିଷ୍ଟ କୋଠା ।"

ଏହି ଦାବିକୁ ବିରୋଧ କରୁଥିବା ଅଭିଯୋକ୍ତାଙ୍କ ଦ୍ୱାରା ସାକ୍ଷୀଙ୍କୁ ଜେରା କରାଯାଇଥିଲା ଏବଂ ତାଙ୍କ ଜେରାରେ, ଏହା ପ୍ରକାଶ୍ୟ ହେଲା ଯେ ଦ୍ୱିତୀୟ ମୁନ୍ସିଫଙ୍କ ଅଦାଲତରେ ସାକ୍ଷୀ ବ୍ୟକ୍ତ କରିଥିବା ଯେଉଁ ହିସାବପତ୍ର ଦାଖଲ ହୋଇଥିଲା, ସେଥିରେ ମନ୍ଦିରରେ ହୋଇଥିବା ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଏହି ପରିପ୍ରେକ୍ଷୀରେ, ଏହା ଉଲ୍ଲେଖନୀୟ ଯେ ବିବାଦରେ ଥିବା ସମ୍ପତ୍ତି ସମ୍ବନ୍ଧରେ ସେହି ହିସାବ-ବହିଗୁଡିକ ଉପସ୍ଥାପନ କରିବାକୁ ଅଭିଯୋକ୍ତାମାନେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିବାଦୀଙ୍କୁ ନିବେଦନ କରିନଥିଲେ । ଯଦି ସେହି ପକ୍ଷକୁ ସେହି ଦଲିଲଗୁଡ଼ିକୁ ଉପସ୍ଥାପନ କରିବାକୁ ନିବେଦନ କରାଯାଇଥା'ନ୍ତା ଏବଂ ସିଏ ସେଗୁଡିକ ଉପସ୍ଥାପନ କରିବାରେ ବିଫଳ ହୋଇଥା'ନ୍ତେ, ତେବେ ଏକ ପ୍ରତିକୂଳ ସିଦ୍ଧାନ୍ତ ଏକ ତଥ୍ୟଭିତ୍ତିକ ଅଦାଲତ ପାଇଁ ଅନୁଜ୍ଞେୟ ହୋଇଥା'ନ୍ତା । କିନ୍ତୁ ସ୍ୱଷ୍ଟତଃ, ଦ୍ୱିତୀୟ ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ ଏପରି ଏକ ପ୍ରତିକୂଳ ସିଦ୍ଧାନ୍ତ ନେବାକୁ ପ୍ରବୃତ୍ତ ହୋଇଥିଲେ, ଯଦିଓ ଏପରି ଏକ ସିଦ୍ଧାନ୍ତକୁ ଯଥାର୍ଥ ସାବ୍ୟସ୍ତ କରିବା ପାଇଁ ବିଚାରଣରେ କୌଣସି ଭିତ୍ତି ରଖାଯାଇ ନଥିଲା । ସେହି ଉଦ୍ଦେଶ୍ୟରେ, ଉଚ୍ଚ ନ୍ୟାୟାଳୟର ନିମ୍ନଲିଖିତ ଅବଲୋକନଗୁଡ଼ିକ ଅଛି: -

"ଅନ୍ୟ ପକ୍ଷରେ, ମାମଲାର ଅନ୍ୟାନ୍ୟ ତଥ୍ୟ ତଥା ପରିସ୍ଥିତିମାନ ଏକ ଦୃଢ଼ ଅନୁମାନ ସୃଷ୍ଟି କରେ ଯେ ବାସ୍ତବରେ ଏପରି କୌଣସି ବୃତ୍ତିଦାନ ହୋଇନଥିଲା ।"

ତେଣୁ, ଏହା ସ୍ୱଷ୍ଟ ଯେ ପ୍ରମାଣ ଭାରକୁ ଅପସ୍ଥାପିତ କରିବାପରେ, ନିମ୍ନ ଅଦାଲତଦ୍ୱୟର ତଥ୍ୟର ସମବର୍ତ୍ତୀ ଫଳାଫଳକୁ ପାଲଟାଇ, ଦ୍ୱିତୀୟ ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟଙ୍କର ନିର୍ଣ୍ଣୟ, ମୌଖିକ ତଥା ପ୍ରମାଣସିଦ୍ଧ ଦଲିଲରୁ ନିଆଯାଇଥିବା ସିଦ୍ଧାନ୍ତ ଉପରେ ଆଧାରିତ । ଏହା, ଉଚ୍ଚ ନ୍ୟାୟାଳୟ, କରିବାକୁ ହକଦାର ନଥିଲା । ଏହାଛଡ଼ା, ଯେପରି ଆମ୍ଭେ ପୂର୍ବରୁ ସୂଚାଇ ଦେଇଛୁ, ଗୁଣବତ୍ତା ଦୃଷ୍ଟିରୁ ମଧ୍ୟ, ଉଚ୍ଚ ନ୍ୟାୟାଳୟର ସିଦ୍ଧାନ୍ତ ଗୁରୁତର ସମାଲୋଚନା ପାଇଁ ଉନ୍ମୁକ୍ତ ଏବଂ ଏହା ଠିକ୍ ନୁହେଁ ବୋଲି ଧରାଯିବା ଉଚିତ ।

ଉପରୋକ୍ତ କାରଣଗୁଡ଼ିକରୁ, ଏହା ସୁସ୍ୱଷ୍ଟ ଯେ ଉଚ୍ଚ ନ୍ୟାୟାଳୟର ରାୟକୁ ସମର୍ଥନ କରାଯାଇପାରିବ ନାହିଁ । ତଦନୁସାରେ, ମକଦ୍ଦମାକୁ ସମ୍ପୂର୍ଣ୍ଣ ଖର୍ଚ୍ଚ ସହିତ ଅନୁମତି ଦିଆଗଲା , ଏବଂ ମକଦ୍ଦମା ଖାରଜ ହେବ ।

*ଆବେଦନକୁ ଅନୁମତି ଦିଆଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**